ଫନି ବାତ୍ୟାଯୋଗୁଁ ପନିପରିବା ଦର ଆକାଶ ଛୁଆଁ

ଧର୍ମଶାଳା,୨୦।୫(ନିପ୍ର):ଧର୍ମଶାଳା ବ୍ଲକ ଅଞ୍ଚଳରେ ସାମୁଦ୍ରିକ ଝଡ ଫନିପରେ ପନିପରିବା ଦର ମାତ୍ରାଧିକ ବୃଦ୍ଧିପାଇଛି। ପରିବା ମୂଲ୍ୟ ମହଙ୍ଗାହେବାରୁ ସାଧାରଣ ଗ୍ରାହକଙ୍କ ପାଇଁ ଏବେ ଏହା ବିଶେଷ ସମସ୍ୟା ପାଲଟିଛି। ବାତ୍ୟା ଫନି ପ୍ରଭାବରେ ପରିବା କ୍ଷେତଗୁଡିକ ପବନରେ ମାଡହୋଇ ଗଛଗୁଡିକ ନଷ୍ଟ ହୋଇଯିବାରୁ ପରିବା ଆମଦାନୀ ଏକପ୍ରକାର ଠପ୍ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରୁ ପନିପରିବା ଆମଦାନୀ ହ୍ରାସ ପାଇବାରୁ ବେପାରୀ ରାଜ୍ୟର ଅନ୍ୟଜିଲ୍ଲାରୁ ପନିପରିବା ଆଣି ଧର୍ମଶାଳା ଅଞ୍ଚଳରେ ଥିବା ଜାକପୋଲ, ଆସୁହା, ଚଣ୍ଡେଇଧରା, କାଏମା, କୋଡପୁର, ଧର୍ମଶାଳା, କବାଟବନ୍ଧ, ବୃନ୍ଦାବେଇପୁର, ମଧୁପୁରଗଡ, ମହିଶରା ପ୍ରଭୃତି ହାଟଗୁଡିକରେ ଚଢାଦରରେ ବିକ୍ରିକରୁଛନ୍ତି। ଯାହାକୁ ନେଇ ସାଧାରଣ ଗ୍ରାହକମାନଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି। ଏହି ବ୍ଲକର କୁମ୍ଭିରା, ବାଉଁଶଅଣ୍ଡା, ପନ୍ଥରୀ, ଇମାମନଗର, ଦେଉଳୀପାଳ, କୁସୁନପୁର, ଏରଣ୍ଡା, ମତଗୁଞ୍ଜର, କମାଗଡ, ଲୁବନ, ସାଲେପୁର, ମିର୍ଜାପୁର, ପାଟପୁର, ଭଇରପ୍ରତାପ, ଦେଓଦା ପ୍ରଭୃତି ମୌଜାମାନଙ୍କରେ ବାଇଗଣ, ଭେଣ୍ଡି, କାକୁଡି, ଜହ୍ନି, କଙ୍କାଲଙ୍କା, ପୋଇ, କଖାରୁ, କଲରା, ଟମାଟର ଆଦି ପରିବା ଚାଷ ପ୍ରଚୁର ପରିମାଣରେ ହୋଇଥିଲା। ପୂର୍ବରୁ ଏହି ମୌଜାମାନଙ୍କର ଚାଷୀ ସମଗ୍ର ଧର୍ମଶାଳା ଅଞ୍ଚଳକୁ ପରିବା ଯୋଗାଇ ଆସୁଥିଲେ। ମାତ୍ର ଫଣି ବାତ୍ୟା ଏସବୁ ମୌଜାମାନଙ୍କରେ ଥିବା ପରିବା ଚାଷଜମିରୁ ଫସଲ ନଷ୍ଟ କରିବା ଫଳରେ ଏବେ ଆକାଶଛୁଆଁ ଦରରେ ଜାଉକା ବଜାରରେ ପରିବା ଅନ୍ୟ ଜିଲ୍ଲାରୁ ଅଣାଯାଇ ବିକ୍ରିହେଉଛି। ଟମାଟୋ କିଲୋପ୍ରତି ଦର ୮୦ଟଙ୍କା ଥିଲାବେଳେ ବାଇଗଣ ୪୦ଟଙ୍କା, ଜହ୍ନି ୫୦ଟଙ୍କା, ପୋଟଳ୮୦ଟଙ୍କା, କାକୁଡି ୫୦ଟଙ୍କା, କଲରା ୬୦ଟଙ୍କା, କୋଇତାକୁ କିଲୋପ୍ରତି ୨୦ଟଙ୍କା, ଭେଣ୍ଡି ୫୦ଟଙ୍କା ଦରରେ ବିକ୍ରିକରାଯାଉଛି। ଜଣେ ଗ୍ରାହକ ୧୦୦ଟଙ୍କାରେ ପରିବା କିଣିଲେ ତାର ବ୍ୟାଗ୍ ତଳିକୁ ଲାଗୁନଥିବା ପରି ଦେଖାଯାଉଛି। ଅନ୍ୟପକ୍ଷରେ ଧର୍ମଶାଳାରେ ଥିବା କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ସ୍ଥାନୀୟ ପରିବା ଚାଷୀମାନଙ୍କର କ୍ଷୟକ୍ଷତି ସଠିକ୍ ଆକଳନ ଏଯାବତ କରାଯାଇନାହିଁ। ଏପରିକି କୃଷି ଓ ଉଦ୍ୟାନ ବିଭାଗ ଅଧିକାରୀମାନେ ଫନିବାତ୍ୟା ପରେ କ୍ଷେତ୍ରପରିଦର୍ଶନ କରିବା ଦେଖାଯାଉନଥିବା ଚାଷୀମାନଙ୍କ ପକ୍ଷରୁ କୃଷକ ନେତା ବସନ୍ତ କୁମାର ପରିଡା ଅଭିଯୋଗ କରିଛନ୍ତି।

ପାତ୍ରବସା ବସ୍ତିରେ ପାନୀୟ ଜଳ ଅଭାବ, ୬୦ରୁ ଊର୍ଦ୍ଧ୍ୱ ପରିବାର ହନ୍ତସନ୍ତ

ଉଦାନ ।ପାଟଣା, ୨୦।୫ (ନି.ପ୍ର.): କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ଅନ୍ତର୍ଗତ ପଣିଗାଁ ପଞ୍ଚାୟତ ପାତ୍ରବସା ଗାଁରେ ଥିବା ବସ୍ତିରେ ପିଇବା ପାଣି ଅଭାବ ଦେଖାଦେଇଛି। ଫଳରେ ପାନୀୟ ଜଳ ପାଇଁ ବସ୍ତିବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁର ଜନସଂଖ୍ୟା ୧ ହଜାରରୁ ଊର୍ଦ୍ଧ୍ୱ ଥିବାବେଳେ ଭୋଟରଙ୍କ ସଂଖ୍ୟା ପ୍ରାୟ ୬ ଶହହେବ। ଏଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବାସ କରୁଛନ୍ତି। ଦଳିତ ସମ୍ପ୍ରଦାୟର ପ୍ରାୟ ୬୦ରୁ ଅଧିକ ପରିବାର ରହୁଛନ୍ତି। ଏମାନଙ୍କ ପାଇଁ ପଡାରେ ଗୋଟିଏ ମାତ୍ର ନଳକୂପ ରହିଛି। ବିଭିନ୍ନ ସମୟରେ ଏହା ମଧ୍ୟ ଅଚଳ ହୋଇପଡୁଛି। କେତେବେଳେ ପାଣି ବାହାରୁନାହିଁ ତ ଆଉ କେତେବେଳେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନଳକୂଅ ଅଚଳ ହେଉଛି। ଅସ୍ପୃଶ୍ୟତା କାରଣରୁ ଅନ୍ୟ ନଳକୂଅ ବ୍ୟବହାର କରିବାକୁ ସେମାନଙ୍କୁ ବାରଣ କରାଯାଉଛି। ଗ୍ରୀଷ୍ମଋତୁ ଆରମ୍ଭରୁ ଏହି ନଳକୂଅ ୩ ଥର ଅଚଳ ପରେ ମରାମତି ହୋଇଛି। ଏବେ ୮ଦିନ ହେଲା ପୁଣି ନଳକୂପ ଅଚଳ। ବସ୍ତିବାସିନ୍ଦା ଏନେଇ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନି। ବହୁ ଲୋକଙ୍କ ପାଇଁ ଗୋଟିଏ ନଳକୂଅ ପାଣି ପର୍ଯ୍ୟାପ୍ତ ହେଉନ ଥିବାରୁ ବସ୍ତିରେ ଆଉ ଏକ ନଳକୂଅ ଖୋଳାଇବା ପାଇଁ ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ଏ ନେଇ ବସ୍ତିବାସିନ୍ଦା ସରପଞ୍ଚ ବନଜାବାସିନୀ ମହାପାତ୍ରଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଛନ୍ତି। ନୂଆ ନଳକୂଅ ଖୋଳିବା ପାଇଁ ସରପଞ୍ଚ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଗାଁ ସ୍କୁଲ ପାଖରେ ଏକ ସୋଲାର ପ୍ଲାଣ୍ଟ ମାଧ୍ୟମରେ ୫ ଲକ୍ଷ ଟଙ୍କା ବ୍ୟୟରେ ଉଠାପାଇପ୍ ଜଳ ବସ୍ତିବାସିନ୍ଦାଙ୍କୁ ଯୋଗାଇ ଦିଆଯିବା ନେଇ ସମସ୍ତ ପ୍ରସ୍ତୁତି ସରିଛି ଏବଂ ଏହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ। କିନ୍ତୁ ନଳକୂଅ କି ଉଠା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାର ଆଜିଯାଏ ଶୁଭାରମ୍ଭ ହୋଇପାରୁନାହିଁ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ବଣିଆ କହିଛନ୍ତି, ଏଥର ନଳକୂଅ ଅଚଳ ଥିବା ଖବର ଜାଣିନି। ଗତଥର ଲିଖିତ ଅଭିଯୋଗ ପରେ ନଳକୂଅ ତୁରନ୍ତ ମରାମତି କରିଥିଲୁ। ଉଠା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ପାଇଁ ଆକ୍ସନ୍ ପ୍ଲାନ୍ କରି ପଠାଯାଇଛି। ନିର୍ଦ୍ଦେଶ ଆସିଲେ କାର୍ଯ୍ୟକାରୀ ହେବ।

ରାଜ୍ୟ କମିଟିକୁ ସହାୟତା ପ୍ରଦାନ

ଜଳେଶ୍ୱର, ୨୦।୫(ନି.ପ୍ର): ଘୂର୍ଣ୍ଣିବାତ୍ୟା ଫନିର ତାଣ୍ଡବରେ ରାଜ୍ୟର ୭ଟି ଜିଲାର ବ୍ୟାପକ କ୍ଷତି ଘଟିଥିବା ବେଳେ ଅଦ୍ୟାବଧି ପୁରୀ ଜିଲାର ସମସ୍ତ ଅଂଚଳକୁ ସରକାରୀ ସହାୟତା ମିଳିନଥିବା ବେଳେ ବହୁ ସଙ୍ଗଠନ ରିଲିଫ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଚେଷ୍ଟା ଚଳାଇଛନ୍ତି। ତେଣୁ ସୋମବାର ଜଳେଶ୍ୱର ଲୋକାଲ କମିଟି ତରଫରୁ ୧୧ ହଜାର ଟଙ୍କାର ସହାୟତା ସିପିଏମ୍‌ର ଜିଲା କମିଟି ଜରିଆରେ ରାଜ୍ୟ କମିଟିକୁ ପଠାଯାଇଛି। ଏହି ସଂପ୍ରରେ ଜିଲା ସଂପାଦକ ଶିଶିର ଜୁଇ, ଆଞ୍ଚଳିକ ସଂପାଦକ ଦିଲ୍ଲୀପ ଗିରି, ବିପ୍ଲମାନ ଆଚାର୍ଯ୍ୟ, ଦିଲ୍ଲୀପ ପରିଡା, ଜୀବନ ପରିଡା, ଚନ୍ଦନ ଶତପଥି, କୁଳଦୀପ ଗିରି, ଜଳଧର ଗୋଚ୍ଛାୟତ, ସନ୍ତୋଷ ଦାସ, ସମ୍ଭୁନାଥ ଗୋଚ୍ଛାୟତ, ଅଜୟ ମୁଖୀ, ପଲ୍ଟୁ ଦାସ ଓ ଗଣେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ

ବିପଦସଙ୍କୁଳ ଅବସ୍ଥାରେ ଜଳସମ୍ପଦ ବିଭାଗ ସେତୁ

ନିଶ୍ଚିନ୍ତକୋଇଲି,୨୦।୫(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ତଥା ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଅଧିକାରୀଙ୍କ ଅଧୀନରେ ଥିବା ୯ନଂ କେନାଲର ଗୌଡ଼ବିଣି ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ସେତୁକୁ ମରାମତି କରାଯିବା ନିମନ୍ତେ ବିଭାଗୀୟ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅସୁରେଶ୍ୱର ପୁବଂଶ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ଅଧୀନରେ ଥିବା ୯ନଂ କେନାଲ ରହିଛି। ଏହି କେନାଲର କଟରପଡ଼ା ଗ୍ରାମ ପଞ୍ଚାୟତ ଗୌଡ଼ବିଣି ଠାରେ ଏକ ସଂଯୋଗୀକରଣ ସେତୁ ରହିଛି। ଏହି ସେତୁ ଉପରେ ଗମନାଗମନ କରିବା ନିମନ୍ତେ ସ୍ଥାନୀୟ କେଣ୍ଡାବୋ, ବାଲିଆପଦା, କଟରପଡ଼ା ପ୍ରଭୃତି ଗ୍ରାମ ପଞ୍ଚାୟତର ଶହ ଶହ ଲୋକ, ସ୍କୁଲ କଲେଜ ଛାତ୍ର ଛାତ୍ରୀଙ୍କ ସମେତ ଅଙ୍ଗନବାଡ଼ିର କୋମଳମତି ଶିଶୁମାନେ ଗମନାଗମନ ନିମନ୍ତେ ନିର୍ଭର କରିଥାନ୍ତି। ଏପରିକି ଏହି ସେତୁ ଉପରେ ଦୈନନ୍ଦିନ ବହୁ ଯାନବାହନ ଯାଆସ କରିଥାଏ। ଦୀର୍ଘ ଦିନ ହେଲା ଏହି ସେତୁଟି ବିପଦସଂକୁଳ ଅବସ୍ଥାରେ ରହିଛି। ଏହି ସେତୁ ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ିଯାଇ ବହୁ ଧନ ଜୀବନ ହାନି କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ତେବେ ଏହି ସେତୁକୁ ନିର୍ମାଣ କରିବା ଦିଗରେ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ହେତୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଉଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ସେତୁକୁ ମରାମତି କରାନଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ବାତ୍ୟା ବିପନ୍ନଙ୍କୁ ସହାୟତା

ନେମାଳ, ୨୦।୫(ନି.ପ୍ର) : ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ବ୍ରଜଗୌରୀ ଟ୍ରଷ୍ଟ ପକ୍ଷରୁ ଗତ ଫନି ବାତ୍ୟାରେ କ୍ଷତିଗ୍ରସ୍ତ ବିପନ୍ନମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟର ଚେୟାରମ୍ୟାନ୍ ଡାଃ ଦେବ୍ ମହାନ୍ତି ମାନବ ସେବାକୁ ମାଧବ ସେବା ଭାବେ ଗ୍ରହଣ କରି ସମାଜରେ ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟତା, ଦୂରୀକରଣ ଓ ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିଭିନ୍ନ ସମୟରେ ବିଗତ ୧୨ ବର୍ଷ ହେବ ଅନବରତ ଲୋକମାନଙ୍କୁ ସହାୟତା ପ୍ରଦାନ କରିଆସିଛନ୍ତି। ଏହି ଅବସରରେ ବିଭିନ୍ନ ସ୍ଥାନର ୧୧୫ ଫନି ବାତ୍ୟା ବିପନ୍ନଙ୍କୁ ମହାନ୍ତିଙ୍କର ପରମ ପୂଜ୍ୟ ମାତା ପାର୍ବତୀ ମହାନ୍ତିଙ୍କ ଦ୍ୱାରା ଆର୍ଥିକ ସହାୟତା ପ୍ରଦାନ କରି ସେମାନଙ୍କୁ ପ୍ରୋତ୍ସାହିତ କରିଛନ୍ତି। ସହାୟତା ଗ୍ରହଣ କରିଥିବା ବିପନ୍ନ ମଧ୍ୟ ବ୍ରଜଗୌରୀ ଟ୍ରଷ୍ଟର ଉନ୍ନତି କାମନା କରିଛନ୍ତି। ଏହି ସହାୟତା ପ୍ରଦାନ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଂପାଦକ ପ୍ରାଧ୍ୟାପକ ପ୍ରମୋଦ ମିଶ୍ର, ଯୁଗ୍ମ ସଂପାଦକ ସେକ୍ ନବି ଯୋଗଦେଇଥିଲା ବେଳେ ଆସମାକ୍ସ ଆଇ.ଟି.ସି.ର ଅଧକ୍ଷ ପ୍ରଦୀପ ବାରିକ, ପ୍ରଶାସନିକ ଅଧିକାରୀ ରାକେଶ ଷଡ଼ଙ୍ଗୀ, ଆଡଭୋକେଟ ମନୋଜ ସାମଲ ଓ ଲୋକସଂପର୍କ ଅଧିକାରୀ ପ୍ରଭାତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଶନିଶ୍ଵର ପୀଠ ସଫେଇ

ନେମାଳ, ୨୦।୫(ନି.ପ୍ର) : ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ 'ନିର୍ବାଣ' ପକ୍ଷରୁ ସ୍ଥାନୀୟ ଶ୍ୱେତବଟ ଶନିଶ୍ୱର ପୀଠକୁ ସଫେଇ କରାଯାଇଛି। ଗ୍ରହରାଜ ଶନିଦେବଙ୍କ ଜନ୍ମୋତ୍ସବରେ ଅନୁଷ୍ଠିତ ହୋଇଥିବା ଶନି ଯାତ୍ରା ଓ ଯଜ୍ଞରେ ବହୁ ଭକ୍ତମାନଙ୍କ ସମାଗମ ହୋଇଥିଲା। ଯାହାଦ୍ୱାରା ଶନିଶ୍ୱରଙ୍କ ପୀଠରେ ଜଳାଭିଷେକ ହୋଇଥିବା ମାଟି ମାଠିଆର ଖୁଲୁଡା ଖଣ୍ଡ, ଦୀପ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ଗୁଡିକ ପୀଠ ପରିସରରେ ପଡିରହିଥିଲା। ସୋମବାର ପୂର୍ବାହ୍ନରେ ସ୍ୱେଚ୍ଛାସେବୀ ରାକେଶ ସାହୁଙ୍କ ନେତୃତ୍ୱରେ ନିର୍ବାଣ ଓ ସାହା ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ଅଳିଆ ଆବର୍ଜନା ଗୁଡିକୁ ଟ୍ରାକ୍ଟର ଦ୍ୱାରା ବୋହି ନେଇଥିଲେ। ନିର୍ବାଣର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

ଡକାୟତି ଉଦ୍ୟମ ପଣ୍ଡ: ଜଣେ ଅଟକ, ଗାଡ଼ି ଓ ମାରଣାସ୍ତ୍ର ଜବତ

ନିଶ୍ଚିନ୍ତକୋଇଲି,୨୦।୫(ନି.ପ୍ର): ଗତକାଲି ରାତ୍ରରେ ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କଟକ-ଚାନ୍ଦବାଲି ରାସ୍ତାର କଟିକଟା ବଜାରରେ ଲୋକଙ୍କ ଦୁଃସାହସ ଯୋଗୁଁ ଏକ ନିଶ୍ଚିତ ଡକାୟତି ଉଦ୍ୟମ ବ୍ୟର୍ଥ ହୋଇଛି। ଲୋକେ ଜଣେ ଡକାୟତକୁ କାବୁ କରି ନିଶ୍ଚିନ୍ତକୋଇଲି ଥାନା। ପୋଲିସକୁ ହସ୍ତାନ୍ତର କରିଥିଲା ବେଳେ ୨ଜଣ ଡକାୟତ ଚମ୍ପଟ ମାରିଥିଲେ। ଏହି ଡକାୟତ ମାନଙ୍କ ଠାରୁ ଗୋଟିଏ ଗାଡ଼ି ଓ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରାଯାଇଛି। ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ କଟକ ଚାନ୍ଦବାଲି ରାସ୍ତାର କଟିକଟା ବଜାର ଠାରେ ୩ ଜଣ ଡକାୟତି ଉଦ୍ୟମ କରୁଥିଲା ବେଳେ ସ୍ଥାନୀୟ ଲୋକେ ଦୁଃସାହସର ସହ ଜଣେ ଡକାୟତକୁ କାବୁ କରି ଅଟକ ରଖିଥିଲେ। ୨ଜଣ ଡକାୟତ ଚମ୍ପଟ ମାରିଥିଲେ। ତେବେ ଏହି ଡକାୟତଙ୍କ ଠାରୁ ବହୁପରିମାଣର ମାରଣାସ୍ତ୍ର ଜବତ କରାଯାଇଥିଲା ବେଳେ ଡକାୟତମାନେ ବ୍ୟବହାର କରିବାକୁ ଆଣିଥିବା ଏକ ଗାଡ଼ିକୁ ଜବତକରାଯାଇଛି। ଲୋକେ କାବୁ କରିଥିବା ଡକାୟତକୁ ନିଶ୍ଚିନ୍ତକୋଇଲି ଥାନା। ପୋଲିସକୁ ହସ୍ତାନ୍ତର କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

ବିଜେପି ଶିବିର...

ମୋଦୀଙ୍କୁ ସମସ୍ତ ଏକ୍‌ଜିଟ୍ ପୋଲ୍‌ରେ ପୁଣି ଥରେ କ୍ଷମତାକୁ ଆସିବା ପାଇଁ ଭବିଷ୍ୟବାଣୀ କରାଯିବାପରେ ଏହି ନୈଶ ଭୋଜିର ନିଷ୍ପତ୍ତି ନିଆଯାଇଛି ବିଜେପି ପକ୍ଷରୁ। ଏକ୍‌ଜିଟ୍ ପୋଲ୍ ଗୁଡିକର ପୂର୍ବାନୁମାନରେ ୫୪୩ ସଦସ୍ୟ ବିଶିଷ୍ଟ ଲୋକସଭାରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏକୁ ମ୍ୟାଜିକ୍ ନମ୍ବର ୨୭୨ରୁ ଅଧିକ ଆସନ ଦିଆଯାଇଛି।

୬୩ କେନ୍ଦ୍ରରେ ...

ପ୍ରତ୍ୟେକ ରାଉଣ୍ଡ ଗଣତି ପାଇଁ ଧାର୍ଯ୍ୟ କରାଯାଇଛି ୨୦ ମିନିଟ୍।

ଭୋଟ୍ ଗଣତି ସଂପର୍କିତ ଫଳାଫଳ ଜାଣିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଲୋକଙ୍କ ସିଇଓ ଅଫିସ ପରିସରରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଛି ପ୍ଲାଇଉଡ୍‌ରେ ଅସ୍ଥାୟୀ କୋଠରୀ। ସେଠାରେ ଏଲ୍‌ଇଡି ଟିଭି ଲଗାଯିବା ସହ ଭୋଟଗଣତିର ଟିକିନିଖି ଖବର ପ୍ରଦର୍ଶନ କରାଯିବ। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ସମୟ ସମୟରେ ଗଣମାଧ୍ୟମକୁ ଭୋଟ୍ ଗଣତି ଓ ଫଳାଫଳର ତଥ୍ୟ ଦେବାନେଇ ମଧ୍ୟ ବ୍ୟବସ୍ଥା କରାଯାଇଛି।

ରାଜ୍ୟ ବିଜେପିର ...

ସୁରମା ପାଢୀ, ବିଜେପି ବିଧାୟକ ଦଳର ନେତା କନକ ବର୍ଦ୍ଧନ ସିଂହଦେଓ, ରାଜ୍ୟ ସାଧାରଣ ସଂପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ବିଜେପିର ସମସ୍ତ ଲୋକସଭା ଏବଂ ବିଧାନସଭାର ପ୍ରାର୍ଥୀ ଏବଂ ରାଜ୍ୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

କମଳ ନାଥଙ୍କୁ ...

ଆମେ ରାଜ୍ୟପାଳଙ୍କୁ ତୁରନ୍ତ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ କହିଛୁ। ଏହି ଅଧିବେଶନରେ ଆମେ ଚାଷୀଙ୍କ ଋଣ ଛାଡ଼ ପ୍ରସଙ୍ଗରେ ଆଲୋଚନା କରିବୁ। ଏଥିସହ ରାଜ୍ୟ ସରକାରଙ୍କୁ ମଧ୍ୟ ବିଧାନସଭାରେ ତାଙ୍କ ସଂଖ୍ୟା ଗରିଷ୍ଠତାର ପ୍ରମାଣ ଦେବାକୁ ପଡ଼ିବ। କଂଗ୍ରେସ ନିକଟରେ ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ରହିଛି କି ନାହିଁ ଏହାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ଦ୍ୱନ୍ଦ୍ୱ ଦୂର ହେବା ଦରକାର।

ରଜ ମଉଜ ପାଇଁ ପ୍ରସ୍ତୁତି

ଢେଙ୍କାନାଳ,୨।୫(ନିପ୍ର):ଢେଙ୍କାନାଳର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ଗୁଡ୍‌ନାଇଟ୍ କ୍ଲବ୍' ପକ୍ଷରୁ ୫ମ ବାର୍ଷିକ ରଜ ମଉଜ ଉତ୍ସବ ଆସନ୍ତା ଜୁନ୍ ୧୪ ଓ ୧୫ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ପ୍ରସ୍ତୁତି ବୈଠକ ପର୍ଣ୍ଣ ବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉପଦେଷ୍ଟା ବିଶ୍ୱନାଥ ବେହେରା ଅଧ୍ୟକ୍ଷତା କରିଥିଲେ। ଆବାହକ ସତ୍ୟସ୍ୱରୂପ ଦାସ ଚଳିତ ବର୍ଷ ରଜ ମଉଜ ଉତ୍ସବକୁ ସରଗ ସୁନ୍ଦର କରିବା ପାଇଁ ପ୍ରସ୍ତାବ ଦେବା ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ବିନୋଦ ମହାନ୍ତି, ପୂର୍ବବର୍ଷର ଆୟବ୍ୟୟ ସମ୍ପର୍କରେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ମୁଖ୍ୟ ଆକର୍ଷଣ ରଜ ଦୋଳି, ରଜପାନ, ରଜ କୁଇନ୍ ଓ ଶ୍ରେଷ୍ଠ ଓଡିଆଣୀ ପ୍ରତିଯୋଗିତା। ସ୍ଥାନୀୟ ମିନିଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ। ବରିଷ୍ଠ ଉପଦେଷ୍ଟା ସୁକାନ୍ତ କୁମାର ମିଶ୍ର, ଅଭୟ କୁମାର ସାହୁ, ଚଳିତ ବର୍ଷର ଏକ ସ୍ମରଣିକା (ରଜ ମଉଜ) ପ୍ରକାଶ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ପ୍ରତିବର୍ଷ ଭଳି ରଜ କୁଇନ୍, ଦୋଳି, ଦଳଗତ ନୃତ୍ୟ, ପିଠା, ମେହେନ୍ଦି, ଶ୍ରେଷ୍ଠ ଓଡିଆଣୀ, ପ୍ରତିଯୋଗିତା ପାଇଁ ବରିଷ୍ଠ ସଦସ୍ୟ ଦେବାଶିଷ ମିଶ୍ର, ଅରବିନ୍ଦ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା। ଏହି ବୈଠକରେ ସନ୍ତୋଷ ଶତପଥୀ, ନୃସିଂହ ବେହେରା, ଶ୍ରୀନିବାସ ଦାସ, ଆଦିତ୍ୟ ପଣ୍ଡା, ନାରାୟଣ ପଟ୍ଟନାୟକ, ସରୋଜକାନ୍ତ ଦେହୁରୀ, ଆଶିଷ ଶତପଥୀ, ଦୁଷ୍ମନ୍ତ ବରାଳ, ମହମ୍ମଦ ସାଜିଦ୍, ସର୍ବେଶ୍ୱର ବ୍ରହ୍ମ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଂପାଦକ ରତନ ନାୟାର କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣ କରାଯିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିବା ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

ରାଜ୍ୟସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କଟକ,୨୦।୫(ନି.ପ୍ର): ବିଦ୍ୟା ବିକାଶ ସମିତି, ଓଡ଼ିଶାର ରାଜ୍ୟସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଝାଞ୍ଜିରୀମଙ୍ଗଳା ସ୍ଥିତ ସମିତିର କେନ୍ଦ୍ରୀୟ କାର୍ଯ୍ୟାଳୟରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ୩ ଦିନ ଧରି ଚାଲିଥିଲା। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପୁଷ୍ପାଳି କର ମୁଖ୍ୟଅତିଥି ଭାବେ ଯୋଗଦେଇ ସମିତିର ଏପରି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଶିବିରର ସଂଯୋଜକ ବିଜୟ କୁମାର ନାଥ ଶିବିରାର୍ଥୀମାନଙ୍କୁ ଶିକ୍ଷାଦାନ କରିବା ସହିତ ଶିବିରକୁ ସଂଚାଳନ କରିଥିଲେ। ସମିତିର ସଭାପତି ଡା. ରମେଶ ଚନ୍ଦ୍ର ଦାସ, ଉପଦେଷ୍ଟା ବିଷ୍ଣୁ ଚରଣ ବିଶ୍ୱାଳ, ମୋକାମ ମହାବିଦ୍ୟାଳୟର ଅଧ୍ୟାପକ କିଶୋର କୁମାର ଦାଶ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ସମାଜରେ ଜଣେ ଭଲ ମଣିଷ ସୃଷ୍ଟି କରିବାରେ ଗୁରୁଜୀ ଗୁରୁମାଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଉତ୍ସବରେ ସମିତିର ସଙ୍ଗଠନ ସମ୍ପାଦକ ନରହରି ସେନ୍ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ନାଥ ବଣ୍ଡିଆ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ନିରଞ୍ଜନ ପାତ୍ର, ଗଦାଧର ସ୍ୱାଇଁ, ପ୍ରତିମା ବିଶ୍ୱାଳ, କବିତା ପାଟଶାଣୀ, ଭାରତୀ କାନୁନଗୋ, ପ୍ରସନ୍ନ ଓଝା, ସନ୍ତୋଷ କୁମାର ସାହୁ, ନିରୋଦ କୁମାର ଆଚାର୍ଯ୍ୟ, କଲ୍ୟାଣୀ ପ୍ରଧାନ, ଅମିତା ବେହେରା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ।

ଟ୍ରକ ଓଲଟି ହେଲପର ମୃତ

ଢେଙ୍କାନାଳ,୨୦।୫(ନିପ୍ର):ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇ ହେଲପର ଶିବୁନା ବେହେରା (୨୪) ପ୍ରାଣ ହରାଇଛନ୍ତି। ଏ ସମ୍ପର୍କରେ ଶିବୁନାଙ୍କ ବାପା ବିଜୟ ବେହେରା ଟାଉନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗତ ୧୦ ଦିନ ତଳେ ତାଙ୍କ ପୁଅ ଡାଳଚେର ଶିଶିର ପ୍ରଧାନଙ୍କ ଟ୍ରକରେ ହେଲପର ଭାବେ କାର୍ଯ୍ୟ କରୁଥିଲେ। ଶିବୁନା ନିଜେ ଟ୍ରକ ଚଳାଉଥିବା ବେଳେ ଡ୍ରାଇଭର ବିଶ୍ରାମ ନେଉଥିଲେ। ୫୫ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଥିବାରୁ ଶିବୁନା ନୂତନ ରାସ୍ତା ଉପରେ ଟ୍ରକ ନେଇ ଆସିଥିଲେ। ସମ୍ମୁଖରେ ରାସ୍ତା ବନ୍ଦ ଥିବାରୁ ସେ ଡାହାଣ ପାର୍ଶ୍ୱକୁ ଟ୍ରକ କାଟି ଦେଇଥିଲେ। ତେବେ ୫ ଫୁଟ ଉଚ୍ଚତାରୁ ଟ୍ରକ ଓଲଟି ପଡିଥିଲା। ଗାଡି ଚଳାଉଥିବା ହେଲପର ନିଜକୁ ବଞ୍ଚାଇବା ପାଇଁ ଚଳନ୍ତା ଟ୍ରକରୁ ଡେଇଁ ପଡିଥିଲେ ମଧ୍ୟ ତାଙ୍କ ଉପରେ ଗାଡି ମାଡି ବସିବାରୁ ସେ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ

ଏସ ଷ୍ଟୋନ କ୍ରାଫ୍ଟ ଲିମିଟେଡ୍

[illegible]
www.acestonecraft.com
contactus@acestonecraft.com
CIN-L26994OR1992PLC003022

ବିଜ୍ଞପ୍ତି

[illegible]
www.acestonecraft.com [illegible]

ଏସ ଷ୍ଟୋନ କ୍ରାଫ୍ଟ ଲିମିଟେଡ଼
ସ୍ୱା/-
ନରେଶ ଅଗ୍ରୱାଲ
ପରିଚାଳନା ନିର୍ଦ୍ଦେଶକ

ଫନି ବାତ୍ୟା ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଅନୁସାରେ ସହାୟତା ପାଇଁ ବୈଠକ

କଟକ, ୨୦।୫(ନି.ପ୍ର): ଫନି ବାତ୍ୟା ପ୍ରଭାବିତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଅନୁସାରେ ସହାୟତା ଯୋଗାଇବା ଓ କ୍ଷୟକ୍ଷତିର ଆକଳନର ଅଗ୍ରଗତି ସମ୍ପର୍କରେ ଏକ ବୈଠକ ଆଜି ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି କୃଷି,ଉଦ୍ୟାନ କୃଷି ଓ ରାଜସ୍ୱ ଅଧିକାରୀଙ୍କ ମିଳିତ ସହଯୋଗରେ କୃଷି କ୍ଷେତ୍ରରେ କ୍ଷୟକ୍ଷତିର ଆକଳନ କରାଯାଉଛି। କୃଷି କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଯେଉଁମାନଙ୍କର ୩୩ ପ୍ରତିଶତ ଶସ୍ୟ କ୍ଷୟକ୍ଷତି ହୋଇଥିବ, ସେମାନଙ୍କୁ ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬ହଜାର ୮୦୦ ଟଙ୍କା ସବସିଡି, ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୩ ହଜାର ୫୦୦ଟଙ୍କା ସବସିଡି ଓ ଅନ୍ୟାନ୍ୟ ସବୁଦିନିଆ ଚାଷର କ୍ଷୟକ୍ଷତି ପାଇଁ ହେକ୍ଟର ପିଛା ୧୮ ହଜାର ଟଙ୍କା ସବସିଡି ଆକାରରେ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। ସେହିପରି ଫନି ରେ ଭାଙ୍ଗି ଯାଇଥିବା ଘର ବଦଳରେ ପକ୍କାଘର ଯୋଗାଇ ଦିଆଯିବ। ଜୁନମାସ ପହିଲାରୁ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯିବ ଓ ଘରଭଙ୍ଗା ସର୍ଭେ ବେଳେ ପ୍ରତି ନଷ୍ଟ ହୋଇଥିବା ଘରକୁ ଜିଓ ଟାଗିଂ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏତଦ୍‌ବ୍ୟତୀତ, ଗୃହପାଳିତ ପଶୁ ପକ୍ଷୀମାନଙ୍କର କ୍ଷୟକ୍ଷତି ଯଥା ଗାଇ ଓ ମଇଁଷି ମୃତ ହୋଇଥିଲେ ହିତାଧିକାରୀଙ୍କୁ ପ୍ରତି ମୃତ ପ୍ରାଣୀ ପାଇଁ ୩୦ ହଜାର ଟଙ୍କା, ପ୍ରତି ମୃତ ଛେଳି ପାଇଁ ୩ ହଜାର ଟଙ୍କା ଲେଖାଏଁ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲାରେ ଫନି ପରବର୍ତ୍ତୀ ପ୍ରଭାବିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ସଚେତନ ପାଇଁ ଗ୍ରାମାଞ୍ଚଳ ଏବଂ ଶିଳ୍ପାଂଚଳରେ ତହସିଲଦାର , ବିଡିଓ ଓ ସ୍ୱାସ୍ଥ୍ୟ ଅଧିକାରୀ ଏବଂ କର୍ମୀମାନେ ପରିଦର୍ଶନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀକାନ୍ତ ତରାଇ,ପିଡି ଡିଆରଡିଏ ସରୋଜ କାନ୍ତ ମହାନ୍ତି,ଉପ କୃଷି ନିର୍ଦ୍ଦେଶକ ପରେଶ ଚନ୍ଦ୍ର ସାହୁ, ଆପାତକାଳୀନ ଅଧିକାରୀ ଅନିତା ପାତ୍ରଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

'ସ୍ୱପ୍ନ ଦେଖୁଥିବା ଲୋକ' ପୁସ୍ତକ ଉନ୍ମୋଚିତ

ନେମାଳ ,୨୦।୫(ନି.ପ୍ର) : ନିଶ୍ଚିନ୍ତକୋଇଲି ସମନ୍ୱୟ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ସଂପାଦକ କବି ସଚ୍ଚିଦାନନ୍ଦ ମିଶ୍ରଙ୍କ ଦ୍ୱିତୀୟ ସଂକଳନ 'ସ୍ୱପ୍ନ ଦେଖୁଥିବା ଲୋକ' ପୁସ୍ତକ ଉନ୍ମୋଚିତ ହୋଇଛି। ଏହି ପୁସ୍ତକର ସତ୍ତ୍ୱାଧିକାରୀ ଭାବେ ସାବିତ୍ରୀ ମିଶ୍ର ହୋଇଥିଲା ବେଳେ ଶବଳିପି ଓ ଅକ୍ଷର ସଜାରେ ଶଶୀକାନ୍ତ ରାଉତ ଏଥିରେ ସହଯୋଗ କରିଛନ୍ତି। ପୁସ୍ତକଟିର ପ୍ରଥମ ସଂସ୍କରଣ ପରେ ଜଗତ୍‌ସିଂହପୁର ସାହିତ୍ୟ ପରିଷଦର ସଭାପତି ପ୍ରଶାସକ ଅଜୟ କୁମାର ବେହେରାଙ୍କ କରକମଳରେ ଉକ୍ତ ପୁସ୍ତକକୁ କବି ଶ୍ରୀ ମିଶ୍ର ଅର୍ପଣ କରିଥିଲେ। ଏହି ପୁସ୍ତକକୁ ସଂସ୍କୃତ ବିଶାରଦ ପଣ୍ଡିତ ପ୍ରବୋଧ ମିଶ୍ର ଉନ୍ମୋଚନ କରିଥିଲା ବେଳେ ଏଥିରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ସଂଘମିତ୍ରା ମିଶ୍ର, କବି ସଦାଶିବ ଦାଶ, ଶିଶୁ ସାହିତ୍ୟିକ ଶ୍ୟାମସୁନ୍ଦର ଲେଙ୍କା, ସାହିତ୍ୟିକ ଜୟରାମ ସାହୁ, ସର୍ବଶକ୍ତିର ସଂପାଦକ ଭାସ୍କର ଚନ୍ଦ୍ର ବେହେରା, ମୌସୁମୀ ସାହିତ୍ୟ ସଂସଦର ସଂପାଦକ ପ୍ରସନ୍ନ ମିଶ୍ର, ନାଟ୍ୟକାରୀ ରବିନ୍ଦ୍ର ସେଠୀ, ବି.ଡି. କଲେଜର ଅଧ୍ୟକ୍ଷ ଡ. ପୁଷ୍ପିତା ଜେନା, ଡ. ଭୁବନାନନ୍ଦ ସାହୁ, ଡ. ଏକାଦଶୀ ପ୍ରଧାନ, ଶଙ୍କର୍ଷଣ ପଣ୍ଡା,ଶିକ୍ଷକ ଅଜୟ କୁମାର ଜେନାଙ୍କ ସମେତ ବହୁ ସାହିତ୍ୟିକ ଓ କବି ଉପସ୍ଥିତ ଥିଲେ

ସାମଗ୍ରିକ ବିକାଶ ଲାଗି ବୁଦ୍ଧିଜୀବୀ ମହଲରେ ଆଲୋଡ଼ନ

ଜଳେଶ୍ୱର, ୨୦।୫(ନି.ପ୍ର): ସ୍ୱାଧୀନତାର ୭୨ବର୍ଷ ପରେ ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୦ ବର୍ଷ ପରେ ମଧ୍ୟ ଗେଟ୍‌ୱେ ଅଫ ଓଡିଶା କୁହାଯାଉଥିବା ଜଳେଶ୍ୱରର ସାମଗ୍ରୀକ ବିକାଶ ଘଟିପାରିନାହିଁ। ତେଣୁ ଜଳେଶ୍ୱର ବୁଦ୍ଧିଜିବୀ ମହଲରେ ଆଲୋଡନ ସୃଷ୍ଟି ହୋଇ ଆସୁଛି। ଜଳେଶ୍ୱରର ବହୁ ବୁଦ୍ଧିଜିବୀ ଏ ସଂପର୍କରେ ଚିନ୍ତା କରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛାସହିତ ଜଳେଶ୍ୱରର ବିକାଶ କରାଇବାକୁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଉନ୍ନତି ସାଧିତ ହେବ ବୋଲି ଚର୍ଚ୍ଚା।